**ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ପତ୍ର ସଂଖ୍ୟା** ୮୦୪ **ତା** ୦୩/୧୧/୨୦୨୨

**ବିଜ୍ଞାପନ**

**ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦି ଲିଜ୍ ନିମନ୍ତେ**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ଢେଙ୍କାନାଳ ଜିଲ୍ଲା ତହସିଲ, ଢେଙ୍କାନାଳ ଅନ୍ତର୍ଗତ କୁମାରଦେଇପୁର ବାଲିଘାଟ ଲଘୁଖଣିଜ ଉତ୍ସ ର ଆସନ୍ତା ୫ ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବା ଦିନଠାରୁ ଦିର୍ଘମିଆଦି ଲିଜ୍ ପାଇଁ ତହସିଲଦାର, ଢେଙ୍କାନାଳ ଙ୍କ ଦ୍ଵାରା **୨୫.୧୧.୨୦୨୨, ୦୨.୧୨.୨୦୨୨** ଓ **୦୯.୧୨.୨୦୨୨** ରିଖ ଅପରାହ୍ନ **୪** ଘଟିକା ସମୟରେ ଯଥା କ୍ରମେ ପ୍ରଥମ ପର୍ଯ୍ୟାୟ, ଦ୍ଵିତୀୟ ପର୍ଯ୍ୟାୟ , ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ ।

ଏହି ସୈରାତ ଉତ୍ସ ଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ, ଢେଙ୍କାନାଳ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ୍‌ସାଇଟ୍ www.dhenkanal.nic.in ରେ ଉପଲବ୍ଧ ଅଛି । ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତ ଗୁଡିକ ରେଜିଷ୍ଟ୍ରି / ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥା କ୍ରମେ **୨୫.୧୧.୨୦୨୨, ୦୨.୧୧.୨୦୨୨** ଓ **୦୯.୧୨.୨୦୨୨** ରିଖ ଅପରାହ୍ନ **୩** ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତି ହୋଇଥିବା ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ । ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ଙ୍କ ପାଖରେ ରହିଅଛି ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟିପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ଵା/-
ସୁଧାଂଶୁ ଶେଖର ସାଓ
ତହସିଲଦାର, ଢେଙ୍କାନାଳ
TAHASILDAR ୩/୧୧/୨୦୨୨
DHENKANAL

Scanned with CamScanner